# NATIONAL NEWS BULLETIN (ODIA)
## 16 October - 2026
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ପିଏମ୍ ସେତୁ ଜାତୀୟ ପରିଚାଳନା କମିଟି ବୈଠକରେ ଓଡ଼ିଶା, ମହାରାଷ୍ଟ୍ର, ଜାମ୍ମୁ କାଶ୍ମୀରରେ ୫ଟି ଶିଳ୍ପ ପ୍ରଶିକ୍ଷଣ ସଂସ୍ଥାନ କ୍ଲଷ୍ଟର ପାଇଁ ୧ ହଜାର ୧୯୪ କୋଟି ଟଙ୍କା ନିବେଶ ମଞ୍ଜୁର ।
- ଗୃହ ମନ୍ତ୍ରଣାଳୟ ପକ୍ଷରୁ ଜନଗଣନା ସଂଶୋଧନ ନିୟମ ୨୦୨୬ ନିମନ୍ତେ ବିଜ୍ଞପ୍ତି ଜାରି ।
- ପେଟ୍ରୋଲ୍ ଉପରେ ଲିଟର ପିଛା ୨ ଟଙ୍କା ୫୦ ପଇସା ରପ୍ତାନୀ ଶୁଳ୍କ ବୃଦ୍ଧି କଲେ ସରକାର ।
- ରିୟାଦ୍, ଡାମାମ୍, ଜେଦ୍ଦାହାକୁ ଯାତାୟତ କରୁଥିବା ଏୟାର୍ ଇଣ୍ଡିଆର ସମସ୍ତ ବିମାନ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ବାତିଲ ।

ଏବଂ

- ରାୟପୁରରେ ଖେଳାଯାଉଥିବା ପ୍ରଥମ ମହିଳା ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍‌ରେ ଟସ୍ ଜିତି ଜିମ୍ବାୱେ ବିପକ୍ଷରେ ଭାରତର ବୋଲିଂ ନିଷ୍ପତ୍ତି ।

# ପିଏମ୍-ସେତୁ

ପିଏମ୍ ସେତୁର ଷଷ୍ଠ ଜାତୀୟ ପରିଚାଳନା କମିଟି ବୈଠକରେ ଓଡ଼ିଶା, ମହାରାଷ୍ଟ୍ର ଓ ଜାମ୍ମୁ କାଶ୍ମୀରରେ ୫ଟି ଶିଳ୍ପ ପ୍ରଶିକ୍ଷଣ ସଂସ୍ଥାନ କ୍ଲଷ୍ଟର ନିମନ୍ତେ ୧ ହଜାର ୧୯୪ କୋଟି ଟଙ୍କା ନିବେଶ ଯୋଜନାକୁ ମଞ୍ଜୁରୀ ପ୍ରଦାନ କରାଯାଇଛି । ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ପ୍ରଧାନମନ୍ତ୍ରୀ ଦକ୍ଷତା ଏବଂ ନିଯୁକ୍ତି ପରିବର୍ତ୍ତନ ଅଧୀନରେ ଆଇ.ଟି.ଆଇ. ଗୁଡ଼ିକର ଦକ୍ଷତା ବିକାଶ ପାଇଁ ଅନୁମୋଦିତ କ୍ରମାଗତ ନିବେଶ ପରିମାଣ ଆଜି ପର୍ଯ୍ୟନ୍ତ ୩ ହଜାର ୬୮୭ କୋଟି ଟଙ୍କାରୁ ଊର୍ଦ୍ଧ୍ୱରେ ପହଞ୍ଚି ପାରିଛି । ବୈଠକରେ ଉଦ୍‌ବୋଧନ ଦେଇ ଦକ୍ଷତା ବିକାଶ ଏବଂ ଉଦ୍ୟମିତା ସଚିବ ଦେବଶ୍ରୀ ମୁଖାର୍ଜୀ କହିଛନ୍ତି, ଏହି ଅନୁମୋଦନ ଯୋଗୁଁ ଆଇ.ଟି.ଆଇ.ଗୁଡ଼ିକୁ ସୁଦୃଢ଼ କରିବାରେ ସହାୟକ ହେବ । ସେହିପରି ଗୁଣାତ୍ମକ ପ୍ରଶିକ୍ଷଣରେ ଉନ୍ନତି ଏବଂ ଶିଳ୍ପ କ୍ଷେତ୍ରରେ ଅଂଶଗ୍ରହଣ ବୃଦ୍ଧି ପାଇବ । ଜାମ୍ମୁ କାଶ୍ମୀର ଦ୍ୱାରା ହୋଇଥିବା ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଉତ୍ସାହ ଜନକ ହୋଇପାରିଛି । ଏହା ଯୁବକମାନଙ୍କ ପାଇଁ ଦକ୍ଷତା ବୃଦ୍ଧି ଏବଂ ସୁଯୋଗକୁ ବ୍ୟାପକ କରିବା ପାଇଁ ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଛି ।  ଶ୍ରୀ ମୁଖାର୍ଜୀ କହିଛନ୍ତି, ଗୁଣାତ୍ମକ ପ୍ରଶିକ୍ଷଣରେ ଉନ୍ନତି ଏବଂ ଯୁବବର୍ଗଙ୍କୁ ଦକ୍ଷତା କୌଶଳ ପ୍ରଦାନ ଦ୍ୱାରା ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ ।

# ସେନ୍‌ସସ୍

ଗୃହ ମନ୍ତ୍ରଣାଳୟ ଜନଗଣନା ଆଇନ୍ ୧୯୪୮ ଅନୁଯାୟୀ ଜନଗଣନା ସଂଶୋଧନ ନିୟମ ୨୦୨୬ ପ୍ରଚଳନ କରାଯାଇଛି । ମନ୍ତ୍ରଣାଳୟ ପକ୍ଷରୁ ଆଜି ଏ ସମ୍ପର୍କରେ ଏକ ଗେଜେଟ୍ ବିଜ୍ଞପ୍ତି ଜାରି କରାଯାଇଛି । ସଂଶୋଧିତ ଜନଗଣନା ନିୟମ ଅନୁଯାୟୀ ଶିକ୍ଷକ, ସରକାରୀ ଅଧିକାରୀ, ସ୍ଥାନୀୟ କର୍ତ୍ତୃପକ୍ଷ କର୍ମଚାରୀ ଏବଂ ସମ୍ପୃକ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ସରକାରଙ୍କ ଦ୍ୱାରା ଉପଯୁକ୍ତ ବ୍ୟକ୍ତିମାନଙ୍କୁ ଜନଗଣନା କାର୍ଯ୍ୟରେ ଅନ୍ତର୍ଭୁକ୍ତ କରିବା ପାଇଁ ତାଲିକାରେ ସଂଶୋଧନ କରାଯାଇଛି । ସଂଶୋଧିତ ନିୟମ ଅନୁଯାୟୀ ସ୍ଥାନୀୟ କର୍ତ୍ତୃପକ୍ଷ, ଅନୁଦାନପ୍ରାପ୍ତ ଏବଂ ଅଣ-ଅନୁଦାନପ୍ରାପ୍ତ ଘରୋଇ ଶିକ୍ଷାନୁଷ୍ଠାନ ଏବଂ ଟ୍ରଷ୍ଟ କିମ୍ବା ସୋସାଇଟି ଦ୍ୱାରା ପରିଚାଳିତ ସଂସ୍ଥାନଗୁଡ଼ିକର ଶିକ୍ଷକମାନଙ୍କୁ ଗଣନାକାରୀ ଭାବେ ନିଯୁକ୍ତି ପ୍ରଦାନ କରାଯାଇପାରିବ । ସେହିପରି କେନ୍ଦ୍ର ଏବଂ ରାଜ୍ୟ ସରକାର, ସ୍ଥାନୀୟ କର୍ତ୍ତୃପକ୍ଷ ଏବଂ ବିଭିନ୍ନ ପ୍ରତିଷ୍ଠାନରେ କାର୍ଯ୍ୟରତ କିରାଣୀ ଏବଂ ଅନ୍ୟାନ୍ୟ ଅଧିକାରୀମାନଙ୍କୁ ଏହି କାର୍ଯ୍ୟରେ ନିୟୋଜିତ କରିବା ନିମନ୍ତେ ବ୍ୟବସ୍ଥା ରହିଛି ।

# ମୁମ୍ବାଇ-ଖଦି

ଖଦି ଏବଂ ଗ୍ରାମ୍ୟ ଶିଳ୍ପ ଆୟୋଗର ଅଧ୍ୟକ୍ଷ ମନୋଜ ଗୋୟଲ କହିଛନ୍ତି, ଯୁବ ଉଦ୍ୟୋଗୀ ଡିଜିଟାଲ୍ ବିପଣନ ସ୍ଥାନ ଖଦିକୁ ନୂତନ ପରିଚୟ ପ୍ରଦାନ କରିବ ସହ ସ୍ଥାନୀୟ ବଜାରରୁ ବିଶ୍ୱ ବଜାର ପର୍ଯ୍ୟନ୍ତ ସ୍ୱଦେଶୀ ସାମଗ୍ରୀଗୁଡ଼ିକୁ ପହଞ୍ଚାଇବା ଦିଗରେ ସହାୟକ ହେବ । ମୁମ୍ବାଇର ଭିଲେ ପାର୍ଲେ ସ୍ଥିତ ଖଦି ଓ ଗ୍ରାମ୍ୟ ଶିଳ୍ପ ଆୟୋଗ କେନ୍ଦ୍ରୀୟ କାର୍ଯ୍ୟାଳୟରେ ଆୟୋଜିତ ଖଦି ମହୋତ୍ସବ ୨୦୨୬ ଉଦ୍‌ଘାଟନ କରିବା ଅବସରରେ ସେ ଏହା କହିଛନ୍ତି ।

ଏହି କାର୍ଯ୍ୟକ୍ରମ ଗତ ୨ ତାରିଖରୁ ଆରମ୍ଭ ହୋଇଥିଲା ଏବଂ ଏହା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ । ଖଦି ସହିତ ଜେନ୍ ଜି’ ଯୁବପିଢ଼ିଙ୍କୁ ସଂଯୋଗ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ରହିଛି । ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ  ହର୍ ଘର ସ୍ୱଦେଶୀ, ଘର୍ ଘର୍ ସ୍ୱଦେଶୀ ଏବଂ ଭୋକାଲ୍ ଫର୍ ଲୋକାଲ୍’ ଆହ୍ୱାନକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଏହି ପ୍ରଦର୍ଶନୀରେ ୧୨ଟି ରାଜ୍ୟରେ ଖଦି ଓ ଗ୍ରାମ୍ୟ ଶିଳ୍ପ ଉତ୍ପାଦର ୭୭ଟି ଷ୍ଟଲ୍ ସ୍ଥାନ ପାଇଛି । ଖଦି ସାମଗ୍ରୀରେ ୨୦ ପ୍ରତିଶତ ରିହାତି ଏବଂ ଗ୍ରାମ୍ୟ ଶିଳ୍ପ ଉତ୍ପାଦରେ ୧୦ ପ୍ରତିଶତ ରିହାତି ପ୍ରଦାନ କରାଯାଉଛି । ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ଗୋୟଲ କହିଛନ୍ତି, ଖଦି ଏବଂ ଗ୍ରାମ୍ୟ ଶିଳ୍ପ କ୍ଷେତ୍ର ୨୦୨୫-୨୬ରେ ବାର୍ଷିକ ବ୍ୟବସାୟ ୧ ଲକ୍ଷ ୮୭ ହଜାର କୋଟି ଟଙ୍କା

ଅତିକ୍ରମ କରିଥିବା ବେଳେ ୨କୋଟି ୪ ଲକ୍ଷ ଲୋକଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି ।

## ଗଭ୍-ଏଟିଏଫ୍

କେନ୍ଦ୍ର ସରକାର ପେଟ୍ରୋଲ୍ ଉପରେ ରପ୍ତାନୀ ଶୁଳ୍କ ଲିଟର ପିଛା ୫୦ ପଇସାରୁ ୨ ଟଙ୍କା ୫୦ ପଇସାକୁ ବୃଦ୍ଧି କରିଛନ୍ତି । ସେହିପରି ଡିଜେଲ୍ ଉପରେ ରପ୍ତାନୀ ଶୁଳ୍କ ଲିଟର ପିଛା ୧୬ ଟଙ୍କାରୁ ୮ ଟଙ୍କା ୫୦ ପଇସାକୁ ହ୍ରାସ କରାଯାଇଛି । ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ ଆଜିଠାରୁ ଏହି ସଂଶୋଧିତ ଦର ଲାଗୁ କରାଯିବ । ବିମାନ ଇନ୍ଧନ – ଏ.ଟି.ଏଫ୍. ଉପରେ ରପ୍ତାନୀ ଶୁଳ୍କ ଲିଟର ପିଛା ୧୦ ଟଙ୍କା ୫ ପଇସା ପୂର୍ବ ପରି ଅପରିବର୍ତ୍ତିତ ରଖାଯାଇଛି । ଘରୋଇ ବ୍ୟବହାର ନିମନ୍ତେ ପେଟ୍ରୋଲ୍ ଏବଂ ଡିଜେଲ୍ ଉପରେ ଥିବା ଉତ୍ପାଦ ଶୁଳ୍କରେ କୌଣସି ପରିବର୍ତ୍ତନ କରାଯାଇନାହିଁ ।

## ସେବା ସଂକଳ୍ପ-ଜନଭାଗିଦାରୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାର୍ବଜନୀନ ଜୀବନରେ ୨୫ ବର୍ଷ ପୂରଣ କରିଛନ୍ତି। ‘ଜନସେବାରୁ ଦେଶସେବା’ ମନ୍ତ୍ରକୁ ଆଧାର କରି

ତାଙ୍କର ଏହି ଜୟଯାତ୍ରା ଜାରି ରହିଛି। 'ସେବା ଓ ସୁଶାସନ'ର ଏହି ଦୃଷ୍ଟିକୋଣକୁ ନେଇ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନର ଲକ୍ଷ୍ୟ ହାସଲ ଦିଗରେ ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି। ସମାବେଶୀ ବିକାଶ ଓ ସାମାଜିକ ସଶକ୍ତିକରଣ ମାଧ୍ୟମରେ ଏହି ପ୍ରୟାସ ଜନଜୀବନରେ ପରିବର୍ତ୍ତନ ଆଣିଛି। ଆମର ଏହି ବିଶେଷ ଶୃଙ୍ଖଳାରେ ଆଜି ଆମେ ଆପଣମାନଙ୍କ ପାଇଁ ଏପରି ଏକ ଉଦାହରଣ ଉପସ୍ଥାପନ କରୁଛି ଯେଉଁଥିରେ 'ଜନଭାଗିଦାରି' କାର୍ଯ୍ୟକ୍ରମ ମାଧ୍ୟମରେ ନିଆଯାଇଥିବା ପଦକ୍ଷେପ ସଂପର୍କରେ ଆମେ ଆପଣମାନଙ୍କୁ ସୂଚନା ପ୍ରଦାନ କରୁଛୁ ।

ଜନଭାଗିଦାରି, ଯାହାର ଅର୍ଥ ହେଉଛି ଜନସାଧାରଣଙ୍କର ଅଂଶଗ୍ରହଣ – ଏହା ନରେନ୍ଦ୍ର ମୋଦୀ ସରକାରଙ୍କ ଶାସନ ବ୍ୟବସ୍ଥାର ପ୍ରମୁଖ ପଦକ୍ଷେପ । ସ୍ୱଚ୍ଛ ଭାରତ ମିଶନ୍, କ୍ୟାଚ୍ ଦ ରେନ୍ ବା ବର୍ଷା ଜଳ ସଂରକ୍ଷଣ ଅଭିଯାନ, ଭୋକାଲ ଫର୍ ଲୋକାଲ୍ ଏବଂ ପ୍ରଧାନମନ୍ତ୍ରୀ ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନ ଭଳି ଯୋଜନାଗୁଡ଼ିକରେ ଏହି 'ଜନଭାଗିଦାରି' ମଡେଲ୍‌ରେ ବ୍ୟବହାର କରାଯାଇଛି । ପାରମ୍ପରିକ ଭାବେ ଦେଶର ନାଗରିକମାନଙ୍କୁ ସରକାରୀ ଯୋଜନାରେ କେବଳ ନିଷ୍କ୍ରିୟ ହିତାଧିକାରୀ ଭାବରେ ବିବେଚନା କରାଯାଉଥିଲା । କିନ୍ତୁ ଜନଭାଗିଦାରି ଏଥିରେ ଏକ ପରିବର୍ତ୍ତନ ଆଣିଛି । ଏହା ଜନସାଧାରଣଙ୍କ ମଧ୍ୟରେ ନିଜ ଅଞ୍ଚଳ ପ୍ରତି ମାଲିକାନାଭାବ ସୃଷ୍ଟି କରିବା ସହ ସେମାନଙ୍କ ଆଚରଣରେ ବ୍ୟାପକ

ପରିବର୍ତ୍ତନ ଆଣିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର ତାଙ୍କର ମାସିକ ରେଡ଼ିଓ କାର୍ଯ୍ୟକ୍ରମ ମନ୍ କି ବାତ୍ ମାଧ୍ୟମରେ ଜନଭାଗିଦାରିକୁ ରାଷ୍ଟ୍ର ନିର୍ମାଣର ଏକ ମୁଖ୍ୟ ସ୍ତମ୍ଭ ଭାବେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଗତ ମାସରେ ମନ୍ କି ବାତ୍ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ସାମାଜିକ ପରିବର୍ତ୍ତନର ପ୍ରମୁଖ ଶକ୍ତି ଭାବେ ଜନଭାଗିଦାରି ଉପରେ ଗୁରୁତ୍ୱାରୋପ କରିଥିଲେ । ଶ୍ରୀ ମୋଦୀ ନାଗରିକମାନଙ୍କୁ ନଶାମୁକ୍ତ ଭାରତ ଅଭିଯାନ ଭଳି ସାମୂହିକ ଆନ୍ଦୋଳନରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ ।

**V/O**

# ଏୟାର୍ ଇଣ୍ଡିଆ-ଫ୍ଲାଇଟ୍ କ୍ୟାନ୍ସଲ୍

ସାଉଦି ଆରବରେ ସାମ୍ପ୍ରତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏୟାର୍ ଇଣ୍ଡିଆ ପକ୍ଷରୁ ରିଆଦ୍, ଡାମାମ୍ ଏବଂ ଜେଦ୍ଦାହାରୁ ଆସୁଥିବା ଏବଂ ଯାତ୍ରା କରୁଥିବା ବିମାନଗୁଡ଼ିକୁ ଚଳିତ ମାସ ୨୦ ତାରିଖ ପର୍ଯ୍ୟନ୍ତ ବାତିଲ କରାଯାଇଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏୟାର୍ ଇଣ୍ଡିଆ ପକ୍ଷରୁ କୁହାଯାଇଛି, ଏହି ପରିସ୍ଥିତି ପ୍ରତି ତୀକ୍ଷ୍ଣ ଦୃଷ୍ଟି ରଖାଯାଇଛି । ସୁରକ୍ଷିତ ଭାବେ ବିମାନ ଚଳାଚଳ ପୁନଃ ଆରମ୍ଭ କରିବା ନିମନ୍ତେ ନିରନ୍ତର ପ୍ରକ୍ରିୟା ଜାରି ରହିଛି । ଯାତ୍ରୀ ଟିକେଟ୍ ରଦ୍ଦ ଦ୍ୱାରା ପ୍ରଭାବିତ ହେଉଥିବା ଯାତ୍ରୀମାନଙ୍କୁ ସମ୍ପୂର୍ଣ୍ଣ ଟିକେଟ୍ ଭଡ଼ା ଫେରସ୍ତ ଦିଆଯିବ ।

# ଏସ୍‌ସି-ଗଭ୍ ଏୟାର୍‌ଫେୟାର୍

କେନ୍ଦ୍ର ସରକାର ବିମାନ ଯାତ୍ରୀ ଭଡ଼ା ସଂକ୍ରାନ୍ତରେ ନିୟମ ଚୂଡ଼ାନ୍ତ କରିଥିବାବେଳେ ଏହା ପ୍ରଶାସନିକ ସ୍ତରରେ ମଧ୍ୟ ଅନୁମୋଦିତ ହୋଇସାରିଛି । ଏ ସଂକ୍ରାନ୍ତରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ସୁପ୍ରିମ୍‌କୋର୍ଟ୍‌ଙ୍କ ନିକଟରେ ଅବଗତ କରାଯାଇଛି । ସରକାରଙ୍କ ପକ୍ଷରୁ ବିମାନ ଯାତ୍ରୀ ଭଡ଼ା ସମ୍ପର୍କିତ ନିୟମ ଆସନ୍ତା ୨ ସପ୍ତାହ ମଧ୍ୟରେ ପ୍ରକାଶ ପାଇବ ବୋଲି ସୂଚନା ଦିଆଯାଇଛି । ଜଷ୍ଟିସ୍ ବିକ୍ରମନାଥ, ଜଷ୍ଟିସ୍ ଆର୍. ମହାଦେବନ ଏବଂ ଜଷ୍ଟିସ୍ ଅପରେଶ ସିଂହଙ୍କ ପକ୍ଷରୁ ଗଠିତ ଖଣ୍ଡପୀଠ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରିଥିଲେ । ଘରୋଇ ବିମାନ କମ୍ପାନୀଗୁଡ଼ିକ ଦ୍ୱାରା ବିମାନ ଯାତ୍ରୀ ଭଡ଼ାରେ ଅତ୍ୟଧିକ ବୃଦ୍ଧି ନେଇ ସୁପ୍ରିମ୍‌କୋର୍ଟ୍‌ରେ ଏକ ମାମଲାର ଦାଏର୍ ହୋଇଛି ।

# ଦୁର୍ଗାପୂଜା ଷଷ୍ଠୀ

ଦେଶରେ ବିଭିନ୍ନ ଭାଗରେ ଅବସ୍ଥିତ ଶକ୍ତିପୀଠ ଗୁଡ଼ିକରେ ମା' ଦୁର୍ଗାଙ୍କର ଷଷ୍ଠୀ ପୂଜା ଉତ୍ସାହ ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହେଉଛି । ପଶ୍ଚିମବଙ୍ଗ ଏହି ଉପଲକ୍ଷେ ଉତ୍ସବମୁଖର ହୋଇଉଠିଛି । ସବୁ ପେଣ୍ଡାଲଗୁଡ଼ିକୁ ସୁନ୍ଦର ଭାବେ ସଜ୍ଜିତ କରାଯାଇଥିବା ବେଳେ ଦେବୀ ଦୁର୍ଗାଙ୍କର କଳାତ୍ମକ ପ୍ରତିମା ଏବଂ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ

ସେଠାରେ ଜନମନ ଆକର୍ଷଣ କରୁଛି । ଅସତ୍ୟ ଉପରେ ସତ୍ୟର ବିଜୟକୁ ପାଳନ କରିବା ପାଇଁ ଲୋକମାନେ ଅତ୍ୟନ୍ତ ଭକ୍ତି ଓ ନିଷ୍ଠାର ସହ ଏକତ୍ରିତ ହୋଇଛନ୍ତି । ଏହା ଏକତା, ସଦ୍‌ଭାବନା ଏବଂ ମେଳନର ବାର୍ତ୍ତାକୁ ପ୍ରଚାର କରୁଛି । କୋଲକାତାର ମେଟ୍ରୋ ଷ୍ଟେସନ୍‌ଗୁଡ଼ିକରେ ଲୋକମାନଙ୍କର ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି ।

## କ୍ରିକେଟ୍-ଇଣ୍ଡିଆ-ଜିମ୍ବାୱ୍ୱେ

ମହିଳା କ୍ରିକେଟ୍‌ରେ ଆଜି ଭାରତ ଓ ଜିମ୍ବାୱ୍ୱେ ମଧ୍ୟରେ ପ୍ରଥମ ଟି-ଟ୍ୱେଣ୍ଟି ଅନ୍ତର୍ଜାତୀୟ ମ୍ୟାଚ୍ ରାୟପୁରର ସହିଦ ବୀର ନାରାୟଣ ସିଂହ ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମ୍‌ରେ ଜାରି ରହିଛି । ଭାରତ ଟସ୍ ଜିତି ଜିମ୍ବାୱ୍ୱେକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଛି । ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ଜିମ୍ବାୱ୍ୱେ ୩ ଓଭରରେ ଗୋଟିଏ ୱିକେଟ୍ ହରାଇ ୨୦ ରନ୍ ସଂଗ୍ରହ କରିଛି ।

ଏହି ସିରିଜ୍‌ର ଦ୍ୱିତୀୟ ଓ ତୃତୀୟ ମ୍ୟାଚ୍ ଅକ୍ଟୋବର ୧୮ ଓ ୨୦ ତାରିଖରେ ଖେଳାଯିବ । ସମସ୍ତ ମ୍ୟାଚ୍ ସନ୍ଧ୍ୟା ୭ଟାରେ ଆରମ୍ଭ ହେବ ।

ଟି-ଟ୍ୱେଣ୍ଟି ସିରିଜ୍ ପରେ ଭାରତ ଓ ଜିମ୍ବାୱ୍ୱେ ମଧ୍ୟରେ ତିନୋଟି ଏକଦିବସୀୟ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳାଯିବ । ଏହି ମ୍ୟାଚ୍‌ଗୁଡ଼ିକ

ଅକ୍ଟୋବର ୨୩, ୨୫ ଓ ୨୮ ତାରିଖରେ ଭଦୋଦରାର କୋଟାମ୍ବିସ୍ଥିତ ବିସିଏ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେବ ।